୧। ପ୍ରତି ପ୍ରଶ୍ନ ସହିତ ପ୍ରଦତ୍ତ ଉତ୍ତରଗୁଡ଼ିକ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ : ୧×୪=୪

(କ) କାହାଠାରେ ବଦାନ୍ୟତାର ମହତ୍ତ୍ୱ ବଢ଼ିଉଠେ?

(i) ଧନୀଠାରେ

(ii) ଦରିଦ୍ରଠାରେ

(iii) ରାଜାଠାରେ

(iv) ପ୍ରଜାଠାରେ

(ଖ) ସୂକ୍ଷ୍ମଶାଳିର ଗନ୍ତାଘର ବୋଲି କାହାକୁ କୁହାଯାଇଛି?

(i) ସମ୍ବଲପୁର

(ii) ପୁରୀ

(iii) କଟକ

(iv) ବାଲେଶ୍ୱର

(ଗ) ଗଣତନ୍ତ୍ର ଶାସନରେ ଲୋକେ କାହାକୁ ଶାସନ କରନ୍ତି?

(i) ପ୍ରଜାଙ୍କୁ

(ii) ରାଜାଙ୍କୁ

(iii) ନିଜେ ନିଜକୁ

(iv) ନିଜେ ଅନ୍ୟକୁ

(ଘ) ସ୍ମୃତି ଶ୍ମଶାନରେ ଅଟକିଗଲେ ଘନର କେଉଁ କାର୍ଯ୍ୟରେ ବିଳମ୍ବ ଘଟିବ?

*(i)* ଗତିରେ

*(ii)* ସଂଗୀତରେ

*(iii)* ସ୍ୱକାର୍ଯ୍ୟ ସାଧନାରେ

*(iv)* ପରୋପକାରରେ

(ଙ) ଶିକ୍ଷାର ଅଧୋଗତିକୁ ନ ରୋକିଲେ ଆମର ଅବସ୍ଥା କ'ଣ ହେବ?

*(i)* ଉନ୍ନତ

*(ii)* ସମୃଦ୍ଧ

*(iii)* ଶୋଚନୀୟ

*(iv)* ଅନୁନ୍ନତ

୨। ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଗୋଟିଏ ଲେଖାଏଁ ବାକ୍ୟରେ ଲେଖ : ୧×୩=୩

(କ) ଜାତିସଂଘ ତାଙ୍କ ଶିକ୍ଷା ରିପୋର୍ଟରେ କ'ଣ କହିଛନ୍ତି?

(ଖ) କେଉଁ ଶାସନ ଆଚାରଭ୍ରଷ୍ଟ ମ'କାର ବ୍ୟଭିଚାରଗ୍ରସ୍ତ ଥିଲା ବୋଲି କୁହାଯାଇଛି?

(ଗ) ମାନବଜୀବନର ପରମ କାମ୍ୟ କ'ଣ?

vivo Y28e 5G

୩। ଲେଖା ଓ ଲେଖକଙ୍କ ନାମ ଲେଖି ୪୦ ରୁ ୫୦ ଶବ୍ଦରେ ବା ଦୁଇଟି ଲେଖାଏଁ ବାକ୍ୟରେ ଯେକୌଣସି ଦୁଇଟି ପ୍ରଶ୍ନର ଉତ୍ତର ଦିଅ : ୨×୨=୪

(କ) ଗିରିସଙ୍କୁଳ ମହାବନ ବୋଲି କାହାକୁ କୁହାଯାଇଛି ?

(ଖ) ଗଣତନ୍ତ୍ରର ପ୍ରକୃତ ଓ ପ୍ରଧାନ ବିଶେଷତ୍ୱ କ'ଣ ?

(ଗ) ପଡ଼ିଆ ଭୂଇଁରେ ଫସଲ ବୁଣିଲେ କ'ଣ ହୁଏ ?

୪। ଲେଖା ଓ ଲେଖକଙ୍କର ନାମ ଲେଖି ୬୦ ରୁ ୮୦ ଲେଖାଏଁ ଶବ୍ଦରେ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଲେଖ : ୩

(କ) ପ୍ରୋପାଗଣ୍ଡାର ଜୟ କେଉଁଠି ଓ କାହିଁକି ହୁଏ ?

(ଖ) ମୌଳିକ ଚିନ୍ତାର ସ୍ଫୁରଣ କିପରି ହୋଇପାରିବ ?

୫। ଲେଖା ଓ ଲେଖକଙ୍କର ନାମ ଲେଖି ୧୨୦ଟି ଶବ୍ଦରେ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଲେଖ : ୫

(କ) 'ପୁଷ୍ପପୁରରେ ବର୍ଷାବରଣ'ରେ ବର୍ଣ୍ଣିତ ସ୍ଥାନଗୁଡ଼ିକର ମହତ୍ତ୍ୱ ଉଲ୍ଲେଖ କର।

(ଖ) 'ତିନିଟୁଣ୍ଡରେ' ପ୍ରବନ୍ଧ ଅବଲମ୍ବନରେ 'ଗଣତନ୍ତ୍ର' ଶାସନର ମୂଲ୍ୟାୟନ କର।

vivo Y28e 5G

( କ୍ରମଶଃ )

୩। ଲେଖା ଓ ଲେଖକଙ୍କ ନାମ ଲେଖି ୪୦ ରୁ ୫୦ ଶବ୍ଦରେ ବା ଦୁଇଟି ଲେଖାଏଁ ବାକ୍ୟରେ ଯେକୌଣସି ଦୁଇଟି ପ୍ରଶ୍ନର ଉତ୍ତର ଦିଅ : ୨×୨=୪

(କ) ଗିରିସଙ୍କୁଳ ମହାବନ ବୋଲି କାହାକୁ କୁହାଯାଇଛି?

(ଖ) ଗଣତନ୍ତ୍ରର ପ୍ରକୃତ ଓ ପ୍ରଧାନ ବିଶେଷତ୍ୱ କ'ଣ?

(ଗ) ପଡ଼ିଆ ଭୂଇଁରେ ଫସଲ ବୁଣିଲେ କ'ଣ ହୁଏ?

୪। ଲେଖା ଓ ଲେଖକଙ୍କର ନାମ ଲେଖି ୬୦ ରୁ ୮୦ ଲେଖାଏଁ ଶବ୍ଦରେ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଲେଖ : ୩

(କ) ପ୍ରୋପାଗଣ୍ଡାର ଜୟ କେଉଁଠି ଓ କାହିଁକି ହୁଏ?

(ଖ) ମୌଳିକ ଚିନ୍ତାର ସ୍ଫୁରଣ କିପରି ହୋଇପାରିବ?

୫। ଲେଖା ଓ ଲେଖକଙ୍କର ନାମ ଲେଖି ୧୨୦ଟି ଶବ୍ଦରେ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଲେଖ : ୫

(କ) 'ପୁଷ୍ପପୁରରେ ବର୍ଷାବରଣ'ରେ ବର୍ଣ୍ଣିତ ସ୍ଥାନଗୁଡ଼ିକର ମହତ୍ତ୍ୱ ଉଲ୍ଲେଖ କର।

(ଖ) 'ତିନିଟୁଣ୍ଡରେ' ପ୍ରବନ୍ଧ ଅବଲମ୍ବନରେ 'ଗଣତନ୍ତ୍ର' ଶାସନର ମୂଲ୍ୟାୟନ କର।

vivo Y28e 5G

(କ୍ରମଶଃ) /

୬। ପ୍ରତି ପ୍ରଶ୍ନସହ ଚାରୋଟି ଲେଖାଏଁ ଉତ୍ତର ଦିଆଯାଇଛି, ସେଥିମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ : ୧×୪=୪

(କ) ଲୋଭ ମଦ ତେଜି କେଉଁ ଗୁଣ ରହିବା ପାଇଁ କବି ଲେଖିଛନ୍ତି?

*(i)* ସତ୍ତ୍ୱଗୁଣ

*(ii)* ରଜଗୁଣ

*(iii)* ତମଗୁଣ

*(iv)* ଅହଂଗୁଣ

(ଖ) ରାଜ-ଭୋଗ-ଅଭିଳାଷ ପ୍ରଜାମୁଖରୁ କ'ଣ କାଢ଼ିନେଲା?

*(i)* ସୁଖ

*(ii)* ସମ୍ଭୋଗ

*(iii)* ଦୁଃଖ

*(iv)* ଶ୍ରମାର୍ଜିତ ଗ୍ରାସ

(ଗ) ତାପସଙ୍କ ଅଶାନ୍ତି-ନାଶକ କିଏ?

*(i)* ରାମଚନ୍ଦ୍ର

*(ii)* ଲକ୍ଷ୍ମଣ

*(iii)* ବିଶ୍ୱାମିତ୍ର

*(iv)* ରାବଣ

vivo Y28e 5G

(ଘ) 'ଅଚିରେ ଫେରିବି ଧନି! ନୁହେ କାତର' — କିଏ କହିଛନ୍ତି ?

(i) ବନ୍ଦୀ

(ii) ସିପାହି

(iii) ସଂଧ୍ୟାତାରା

(iv) ରବି

(ଙ) ଶତାବ୍ଦୀର ସିଂହଦ୍ୱାରରୁ ଆସିଥିବା ଦୂତ କାହାର ବାର୍ତ୍ତା ଆଣିଥିବା କଥା କୁହାଯାଇଛି ?

(i) ଅତୀତର

(ii) ବର୍ତ୍ତମାନର

(iii) ଭବିଷ୍ୟର

(iv) ବିଦ୍ରୋହର

୭। ଗୋଟିଏ ଲେଖାଏଁ ବାକ୍ୟରେ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦିଅ : ୧×୩=୩

(କ) କିଏ ଆଚମ୍ବିତେ ଆସି ହାବୁଡି ଯିବ ବୋଲି କବି କହିଛନ୍ତି ?

(ଖ) ଲବ-କୁଶ ରାମାୟଣ ଗାୟନରେ କେଉଁ ବାଦ୍ୟଯନ୍ତ୍ର ବ୍ୟବହାର କରୁଥିଲେ ?

(ଗ) ଦାରୁଣ କଷଣ ବୋଲି କବି କାହାକୁ କହିଛନ୍ତି ?

(ଘ) ହିନ୍ଦି, ମୈଥିଳୀ ଆଉ ଭୋଜପୁରୀର ମିଶାମିଶି ଭାଷା କିଏ ବ୍ୟବହାର କରୁଥିଲା ?

(i) ବାପା

(ii) ମାଷ୍ଟରଜୀ

(iii) ମାଝି

(iv) ରିକ୍ସାବାଲା

(ଙ) ସଙ୍କଟ ଓ ବିକଟ ହଂସଦ୍ୱୟ କମ୍ବୁଗ୍ରୀବକୁ ସ୍ଥାନାନ୍ତର କରିବାପାଇଁ କାହାର ସହାୟତା ନେଇଥିଲେ?

(i) ଗୋଟିଏ ଚାଷୀର

(ii) ଜଣେ କେଉଟର

(iii) ଖଣ୍ଡିଏ କାଠିର

(iv) ଜଣେ ବାଟୋଇର

୧୨। ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଗୋଟିଏ ଲେଖାଏଁ ବାକ୍ୟରେ ଦିଅ :

୧×୩=୩

(କ) ଶ୍ରୀରାମଚନ୍ଦ୍ର କେଉଁଥିରେ ଦେବୀ ଆରାଧନା କରିଥିଲେ?

(ଖ) ମାଷ୍ଟରଜୀ କେତେ ଟଙ୍କା ଦରମାରେ ଟ୍ୟୁସନ ମାଷ୍ଟର ଥିଲେ?

(ଗ) କେତେ ବର୍ଷରେ ଥରେ ଶୂନ୍ୟରୁ କଚ୍ଛପ ବୃଷ୍ଟି ହୁଏ ବୋଲି ଜ୍ୟୋତିଷ କହିଲେ?

vivo Y28e 5G



( ଓଲଟାନ୍ତୁ )

୧୧। ପ୍ରତ୍ୟେକ ପ୍ରଶ୍ନତଳେ ଥିବା ଚାରିଗୋଟି ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ : ୧×୪=୪

(କ) ଉତ୍କଳରେ କଲିକତି ଧୂଆଁପତ୍ରର ନାମ କ'ଣ?

(i) ଦୋକ୍ତା

(ii) ପିକା

(iii) ବାଲେଶ୍ୱରୀ

(iv) ନାସ

(ଖ) ବେପାରର ଲାଭ କେଉଁ ଜାଗାରେ ଥାଏ ବୋଲି ମହାପାତ୍ରେ ମହାଜନଙ୍କୁ ଜଣାଇଲେ?

(i) କିଣା ଜାଗାରେ

(ii) ବିକା ଜାଗାରେ

(iii) ଉତ୍ପାଦନ ଜାଗାରେ

(iv) ଚାଷୀର ଖଳାରେ

(ଗ) କେଉଁ ସାଲରେ ରାୟବାହାଦୁର ସନନ୍ଦଟି ପାଇଥିଲେ?

(i) ୧୯୨୦

(ii) ୧୯୨୩

(iii) ୧୯୨୪

(iv) ୧୯୩୦

vivo Y28e 5G

୧୩। ଲେଖା ଓ ଲେଖକଙ୍କ ନାମ ଲେଖି ପ୍ରତ୍ୟେକକୁ ୪୦ ରୁ ୫୦ ଶବ୍ଦ ବା ଦୁଇଟି ଲେଖାଏଁ ବାକ୍ୟରେ ଯେକୌଣସି ଦୁଇଟି ପ୍ରଶ୍ନର ଉତ୍ତର ଦିଅ : ୨×୨=୪

(କ) ନୟନତାରାର ପରିଚୟ କ'ଣ ଥିଲା?

(ଖ) ପତାକାଟିକୁ ଝାମ୍ପିନେଇ ବିଜୟ କ'ଣ କରିଥିଲା?

(ଗ) ହଂସଯୁଗଳ କଚ୍ଛପର ମନୋରଞ୍ଜନ ପାଇଁ କ'ଣ କରୁଥିଲେ?

୧୪। ଲେଖା ଓ ଲେଖକଙ୍କ ନାମ ଲେଖି ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୬୦ ରୁ ୮୦ ଶବ୍ଦ ମଧ୍ୟରେ ଲେଖ : ୩

(କ) ରାଜୀବଲୋଚନଙ୍କ ଶେଷ ଜୀବନ କାହିଁକି ଦୟନୀୟ ଭାବରେ କଟିଲା?

(ଖ) କଚ୍ଛପର ସ୍ଥାନାନ୍ତରଣ ଦୃଶ୍ୟ କିପରି ଥିଲା?

୧୫। ପଠିତ କବିତା ଅବଲମ୍ବନରେ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ : ୧×୫=୫

(କ) ଯୋଗ୍ୟତମ ଗୁରୁର ପରିଚୟ କ'ଣ?

(ଖ) ମଣିଷ କେବେ ପର୍ଯ୍ୟନ୍ତ ଶିକ୍ଷାଲାଭ କରିପାରେ?

ଅନ୍ୟମାନଙ୍କ ପରି ସବୁ ବିଷୟରେ ବ୍ୟବହାର କରିବାକୁ ଶିଖି ନିଜର ବିଶେଷତ୍ୱ ହରାଏ। ଯେଉଁମାନେ ସମାଜର ବା ଅନ୍ୟମାନଙ୍କର କୌଣସି ଆର୍ଥିକ କ୍ଷତି ନକରି ସେମାନଙ୍କୁ ସେମାନଙ୍କର ପ୍ରାପ୍ୟ ସମ୍ମାନ ଦେଇ ବୟଃବୃଦ୍ଧି ସଙ୍ଗେ ସଙ୍ଗେ ସେହି ବାଳକାଳୋଚିତ ସ୍ୱାଧୀନତାକୁ ସମାଜର ଓ ଶାସନତନ୍ତ୍ରର ପ୍ରଚଳିତ ନିୟମାବଳୀ ମଧ୍ୟରେ ଥାଇ ଉତ୍ତରୋତ୍ତର ପରିପୁଷ୍ଟ କରିଥାନ୍ତି, ସେହିମାନେ ସ୍ୱଦେଶରେ ସୁଖ୍ୟାତି ଓ ଗୌରବ ଲାଭ କରିଥାନ୍ତି। ପୁଣି ଯେଉଁମାନେ ନିଜ ଦେଶର ଓ ପୃଥିବୀର ମଙ୍ଗଳ କାମନା କରି ନିଜର ସୁଖ-ସ୍ୱାଚ୍ଛନ୍ଦ୍ୟ, ପ୍ରଚୁର ଧନଲବ୍ଧ ସମ୍ମାନ ପାଇବାକୁ ଅଭିଳାଷ ନକରି ବାଳକାଳୋଚିତ ସ୍ୱାଧୀନତାକୁ ଜୀବନ୍ତ ଭାବରେ ରକ୍ଷାକରି ଜଗତବାସୀଙ୍କର ମଙ୍ଗଳ ଦୃଷ୍ଟିରୁ ସ୍ୱକାଳୀନ କ୍ଷମତାଶାଳୀ ବ୍ୟକ୍ତିଙ୍କର ଓ ଶାସନତନ୍ତ୍ରର ଦୋଷତ୍ରୁଟି ଦେଖି ନିର୍ଭୀକଭାବରେ ସେ ସବୁର କଠୋର ବିରୁଦ୍ଧ ସମାଲୋଚନା କରିଥାନ୍ତି ଓ ଶେଷରେ ଜନସମାଜକୁ ନିଜ ମତରେ ପ୍ରଭାବିତ କରି ସମାଜର ସବୁ ବିଭାଗରେ ବିପ୍ଳବ ଘଟାଇ ଚିରାଚରିତ ଅନିଷ୍ଟକାରୀ ପ୍ରଥାସବୁର ମୂଳୋତ୍ପାଟନ କରିଥାନ୍ତି, ସେମାନେ ଅଶାନ୍ତିମୟ, ତ୍ୟାଗମୟ ଜୀବନଯାପନ କରି କେବଳ ମନୁଷ୍ୟଜାତିର ମଙ୍ଗଳ ଉଦ୍ଦେଶ୍ୟରେ ସବୁ ପ୍ରକାର ବିପଦ ହାସ୍ୟମୁଖରେ ବରଣ କରିଥାନ୍ତି। ସେହିମାନେ ଜଗତରେ ଅମର କୀର୍ତ୍ତି ରଖିଯାଆନ୍ତି। ଏଭଳି କ୍ଷଣଜନ୍ମା ବ୍ୟକ୍ତି ଜଗତରେ ଅତି ଅଳ୍ପ ସଂଖ୍ୟାରେ ଜନ୍ମଗ୍ରହଣ କରିଅଛନ୍ତି। ମହାତ୍ମା ଗାନ୍ଧୀ ଏହିଭଳି କ୍ଷଣଜନ୍ମାମାନଙ୍କ ମଧ୍ୟରୁ ଜଣେ।

vivo Y28e 5G

(ଚ) 'ଉପକାର ସ୍ୱୀକାର କରେ ଯେ'—ଏକ ପଦରେ କ'ଣ ହେବ?

(i) ଉପକାରୀ

(ii) ଅପକାରୀ

(iii) ଋଣୀ

(iv) କୃତଜ୍ଞ

(ଛ) 'ନାହିଁ ଅନ୍ୟ ଉପାୟ ଯାହାର'କୁ ଏକ ପଦରେ ପ୍ରକାଶ କଲେ କ'ଣ ହେବ?

(i) ନିରୁପାୟ

(ii) ଉପାୟଶୂନ୍ୟ

(iii) ଅନନ୍ୟୋପାୟ

(iv) ହତବୁଦ୍ଧି

(ଜ) 'ଉପାଦାନ' ଶବ୍ଦର ଅର୍ଥ କେଉଁଟି?

(i) ଆଦାନ

(ii) ପ୍ରଦାନ

(iii) ଉପକରଣ

(iv) ଆବଶ୍ୟକତା

( ଓଲଟାନ୍ତୁ )

vivo Y28e 5G

(ଝ) 'ଉପାଧାନ' କହିଲେ କେଉଁ ଅର୍ଥ ପ୍ରକାଶ ପାଏ?

(i) ତକିଆ

(ii) ଉପକରଣ

(iii) ଆହ୍ୱାନ

(iv) ପ୍ରଦାନ

(ଞ) କେଉଁଟି ଶୁଦ୍ଧ ଶବ୍ଦ?

(i) ସବାନ୍ଧବେ

(ii) ସବାନ୍ଧବ

(iii) ଶବାନ୍ଧବ

(iv) ସବନ୍ଧୁକ

(ଟ) ଶୁଦ୍ଧ ଶବ୍ଦ କେଉଁଟି?

(i) ନିର୍ଦ୍ଦୋଷୀ

(ii) ନିର୍ଦୋଷ

(iii) ନିର୍ଦ୍ଦୋଷ

(iv) ନିର୍ଦ୍ଦୋଶ

vivo Y28e 5G

★ ★ ★